# ତମେ ପ୍ରତୀକ୍ଷା କର[୧]

ରୁହ ବୋଲି
କହି ଦେଇଛି ତ
ଠିଆ ହେଇଛି ॥

ମତେ ଶୁଭୁନାହିଁ
ମେଘର ଡାକ।।
ମତେ ଦିଶିନାହିଁ
ଧୂସର ଶୀତ।।

ମୁଁ କିଆଁ କହିବି କହିଲ?
ନିର୍ଜଳା ଖରାରେ
ପାଦଶବ୍ଦ ପରି
ଏକାକୀ ଏକାକୀ
ଥରଥର କ–ୁଥିଲା
ଗଛ ଓ ରାସ୍ତାର ଛାଇ।।

ମୁଁ ଚୁପ୍‌ଚାପ୍ ଥିବି।।
ଆକାଶର ସବୁ ମୌନତାକୁ
ଜମାଟ ବାନ୍ଧି
ଛାତିତଳେ
ଚାପି ଧରିଥିବି।।
ଅବା ଝରି ପଡ଼ୁଥିବା
ଉଲ୍‌କାଙ୍କପାଉଁଶରେ
ପୋତି ଦେଇଥିବି
ମୋ ପିଞ୍ଜରାର
କ୍ରୁଶବିଦ୍ଧ ହାଡ଼।।

ରୁହ ବୋଲି କହିଛି
ତ ଠିଆ ହେଇଛି
ଅନ୍ଧ ପରି...
ମୂକ ପରି.....
ବଧିର ପରି.....

---

[୧] ଧରିତ୍ରୀ ଛୁଟିଦିନ–ଜୁନ୍–୧୪–୧୯୯୮

ମତେ ଶୋଷ  ଲାଗୁନି
କି ଭୋକ ଲାଗୁନି ।।

ମୁଁ ଜାଣିଛି ସେ ଆସିବ।।
ମତେ ସ୍ପର୍ଶିବ ତା' ପାଦ।।
ସେତେବେଳେ
ମୋ  ଭିତରୁ ମୁଁ ନିଜେ ଇ
ଫାଟି ପଡ଼ିବି
ମେଘ ହୋଇ,ଶୀତ ହୋଇ
ଛାଇହୋଇ
ନୂଆ ନୂଆ ଶୁଭୁଥିବା
କୁଆଁ କୁଆଁ ଶବ୍ଦ ହୋଇ ।।

ତମେ ପ୍ରତୀକ୍ଷା କର
ମୁଁ ଫାଟିଯିବା ପର୍ଯ୍ୟନ୍ତ
ସେ କହିଛି ତ ଆସିବ ନିଶ୍ଚୟ!!